# ଉନ୍ନତ ପ୍ରଣାଳୀରେ

# ଲଙ୍କା ଚାଷ







**ଡଃ ରଶ୍ମିତା ଟପ୍ପୋ**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ସୁଶ୍ରୀ ମମତା ମାହାଲି**
ଫାର୍ମ ମ୍ୟାନେଜର

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୦୩

ଉନ୍ନତ ପ୍ରଣାଳୀରେ

# ଲଙ୍କା ଚାଷ


**ବିଷୟବସ୍ତୁ**

**ଡଃ ରଶ୍ମିତା ଟପ୍ପୋ**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ସୁଶ୍ରୀ ମମତା ମାହାଲି**
ଫାର୍ମ ମ୍ୟାନେଜର

**ସମ୍ପାଦକ**

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଉନ୍ନତ ପ୍ରଣାଳୀରେ ଲଙ୍କା ଚାଷ

**ବିଷୟବସ୍ତୁ**

**ଡଃ ରଶ୍ମିତା ଟପ୍ପୋ**

ବୈଜ୍ଞାନିକ (ଉଦ୍ୟାନ କୃଷି)

**ସୁଶ୍ରୀ ମମତା ମାହାଲି**

ଫାର୍ମ ମ୍ୟାନେଜର

**ସମ୍ପାଦକ**

**ଡଃ ସଂଗ୍ରାମ ପରମଗୁରୁ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ମୁଦ୍ରଣ :

ମିଡିଆ ସଲ୍ୟୁସନ

ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ - ୯୭୭୬୮୪୭୨୭୬

# ଉନ୍ନତ ପ୍ରଣାଳୀରେ ଲଙ୍କା ଚାଷ

**ଉପକ୍ରମ :** ଲଙ୍କା ଏକ ଅର୍ଥକାରୀ ଫସଲ। ସମଗ୍ର ପୃଥିବୀରେ ପ୍ରାୟ ୧୮.୯ ଲକ୍ଷ ହେକ୍ଟର ଜମିରେ ଲଙ୍କା ଚାଷ କରାଯାଇଥାଏ। ଏବଂ ସେଥିରୁ ପ୍ରାୟ ୭ ନିୟୁତ୍ ଟନ୍ ଲଙ୍କା ଅମଳ ହେଉଛି। ଲଙ୍କାକୁ ଏକ ଲାଭଜନକ ଫସଲ ହିସାବରେ ଭାରତ, ଚୀନ, ପାକିସ୍ତାନ, ମେକ୍ସିକୋ, ନାଇଜେରିଆ, ଥାଇଲାଣ୍ଡ, ତୁର୍କୀ, ସ୍ପେନ୍ ପ୍ରଭୃତି ଦେଶରେ ଚାଷ କରାଯାଏ।

ସମଗ୍ର ପୃଥିବୀରେ ଲଙ୍କା ଉତ୍ପାଦନ ଓ ବ୍ୟବହାରରେ ଭାରତ ପ୍ରଥମ ଏବଂ ପୃଥିବୀର ଶତକଡା ୪୩ ଭାଗ ଲଙ୍କା ଭାରତରେ ଅମଳ ହୁଏ। ଭାରତରେ ପ୍ରାୟ ୮.୧୦ ଲକ୍ଷ ହେକ୍ଟର ଜମିରେ ଲଙ୍କା ଚାଷ କରା ହେଉଛି ଓ ସେଥିରୁ ପ୍ରାୟ ୧୩.୨୦ ଲକ୍ଷ ଟନ୍ ଲଙ୍କା ଅମଳ ହେଉଛି।

ଭାରତର ବିଭିନ୍ନ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ରଜସ୍ଥାନ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାରରେ ଅଧିକ ଉତ୍ପାଦନକାରୀ ରାଜ୍ୟ ହିସାବରେ ଗଣନା କରାଯାଏ। ସମଗ୍ର ଭାରତର ଶତକଡା ୫୮ ଭାଗ ଲଙ୍କା ଆନ୍ଧ୍ରପ୍ରଦେଶ ଅମଳ ହୁଏ। ଓଡ଼ିଶାରେ ବର୍ତ୍ତମାନ ପ୍ରାୟତଃ ୭୫୭୨୩ ହେକ୍ଟର ଜମିରେ ଲଙ୍କା ଉତ୍ପାଦନ ହେଉଛି।

**ଉପାଦେୟତା :**

ଲଙ୍କା ମରିଚ ଏକ ଶକ୍ତିଶାଳୀ ଉତ୍ତେଜକ ଏବଂ ହଜମି ଅଟେ। ଏଥିରୁ ପ୍ରସ୍ତୁତ ମଲମ ଦ୍ୱାରା ସ୍ନାୟବିକ ରୋଗ ଯଥା ଅଣ୍ଟାବିନ୍ଧା, ଆଣ୍ଠୁଗଣ୍ଠି ବାତ, ଆଦି ଚିକିତ୍ସା କରାଯାଏ। ଏହା ମୁଣ୍ଡବିନ୍ଧା ଔଷଧ, ଟନିକ୍ ଚର୍ମ ଅଏଣ୍ଟମେଣ୍ଟ ଏବଂ ଗରମରୁ ରକ୍ଷା ପାଇବା ପାଇଁ ପ୍ରସ୍ତୁତ ପ୍ରସାଧନର ଗୁଣ୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ହୃଦ୍‌ରୋଗ ଓ ଅମ୍ଳପିତ ଚିକିତ୍ସାରେ ମଧ୍ୟ ଏହା ବ୍ୟବହାର କରାଯାଏ।

ଲଙ୍କା ମରିଚକୁ ସବୁଜ କିମ୍ବା ପାଚି ଯିବାପରେ ଶୁଖାଇ ଏକ ମସଲା ଭାବେ ଖାଦ୍ୟ ପଦାର୍ଥ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଆଚାର, କେଚପ, ସସ୍, ପେଷ୍ଟ, ଚଟ୍‌ନି ଆଦି ମୁଲ୍ୟଯୁକ୍ତ ଖାଦ୍ୟ ମଧ୍ୟ ଲଙ୍କାରୁ ପ୍ରସ୍ତୁତ ହୋଇଥାଏ। ଲଙ୍କା ମରିଚରେ କାପ୍‌ସାଇସିନ୍ ନାମକ ଏକ ଉଦ୍‌ବାୟୀ କ୍ଷାର ଥାଏ ଯାହା ରାଗ ପ୍ରଦାନ କରିଥାଏ। ଲଙ୍କାରେ ପ୍ରଚୁର ପରିମାଣରେ ଭିଟାମିନ୍ (କ), (ଖ) ଓ (ଗ) ଥାଏ।

୧୦୦ ଗ୍ରାମ୍ ଲଙ୍କାରେ ଥିବା ଖାଦ୍ୟ ମୂଲ୍ୟ

| | ଶୁଖିଲା ଲଙ୍କା | କଞ୍ଚା ଲଙ୍କା |
|---|---|---|
| ୧. ଜଳ | ୧୦ ଗ୍ରାମ | ୮୫.୭ ଗ୍ରାମ୍ |
| ୨. ପୁଷ୍ଟିସାର | ୧୫ ଗ୍ରାମ୍ | ୨.୯ ଗ୍ରାମ୍ |
| ୩. ଚର୍ବି | ୬.୨ ଗ୍ରାମ୍ | ୦.୬ ଗ୍ରାମ୍ |
| ୪. ଖଣିଜ ପଦାର୍ଥ | ୬.୧ ଗ୍ରାମ୍ | ୧.୦ ଗ୍ରାମ୍ |
| ୫. ତନ୍ତୁ | ୩୦.୨ ଗ୍ରାମ୍ | ୬.୮ ଗ୍ରାମ୍ |
| ୬. ଶ୍ୱେତସାର | ୩୧.୬ ଗ୍ରାମ୍ | ୩.୦ ଗ୍ରାମ୍ |
| ୭. ଫସ୍‌ଫେଟ୍ | ୩୭୦.୦ ଗ୍ରାମ୍ | ୮୦.୦ ଗ୍ରାମ୍ |
| ୮. ଚୂନ୍ | ୧୬୦ ମି.ଗ୍ରା | ୩୦.୦ ମି.ଗ୍ରା |
| ୯. କାରୋଟିନ୍ | ୩୪୫.୦ ମି.ଗ୍ରା | ୧୭୫ ମି.ଗ୍ରା |
| ୧୦. ଭିଟାମିନ୍ (ଗ) | ୫୦୦ ମି.ଗ୍ରା | ୧୧୧.୦ ମି.ଗ୍ରା |
| ୧୨. ଥାୟୋମିନ୍ | ୦.୯୩ ମି.ଗ୍ରା | ୦.୧୨ ମି.ଗ୍ରା |
| ୧୩. ରିବୋଫ୍ଲାଭିନ | ୦.୪୩ ମି.ଗ୍ରା. | ୦.୩୯ ମି.ଗ୍ରା |
| ୧୪. ଶକ୍ତି (କ୍ୟାଲୋରୀ ମୂଲ୍ୟ) | ୨୯୭ | ୨୨୯ |

**ମୃତ୍ତିକା :**

ହାଲୁକା, ଦୋରସା ଚୂନ ସମୃଦ୍ଧ, ଜୈବ ପଦାର୍ଥ ଯୁକ୍ତ, ନିଗିଡା ମାଟି ଲଙ୍କା ଚାଷ ପାଇଁ ଉତ୍କୃଷ୍ଟ। ମାଟିର ଅମ୍ଳତା ୬ରୁ ୭ ଥିଲେ ଲଙ୍କା ଫସଲ ଭଲ ହୋଇଥାଏ। ୨୪ ଘଣ୍ଟାରୁ ଅଧିକ ସମୟ ଗଛ ମୂଳରେ ପାଣି ଜମି ରହିଲେ ଗଛ ମରିଯାଏ। ହାଲୁକା ମାଟି ଲଙ୍କା ମରିଚର ଗୁଣାତ୍ମକ ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଥାଏ।

**ଜଳବାୟୁ :**

ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଲଙ୍କା ଭଲ ଫଳିଥାଏ। ସମୁଦ୍ରପତ୍ତନ ଠାରୁ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଏହି ଚାଷ କରାଯାଇପାରିବ। ୨୦-୩୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଲଙ୍କା ଭଲ ଅମଳ ହୋଇଥାଏ। ଶୀତଦିନେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ୍‌ରୁ କମ୍, ଖରାଦିନେ ୪୦ ଡିଗ୍ରୀରୁ ଅଧିକ ହେଲେ ଗଛର ବୃଦ୍ଧି, ଫୁଲ ଫୁଟିବା, ପରାଗସଙ୍ଗମ ଏବଂ ଫଳ ଧରିବା କମିବା ଦ୍ୱାରା ଅମଳ କମିଯାଏ। ବାର୍ଷିକ ବୃଷ୍ଟିପାତ ୭୫ ରୁ ୧୦୦ ଇଞ୍ଚ ହେଉଥିବା ଅଞ୍ଚଳରେ ଲଙ୍କାକୁ ବୃଷ୍ଟିପୁଷ୍ଟ ଫସଲ ଭାବେ ଚାଷ କ...

ଗଛର ବୃଦ୍ଧିକୁ ଉଦ୍ଦିପୀତ କରେ, ୨୧ ରୁ ୨୪ ଭାଗ ଅମଳ ବଢାଏ ଏବଂ ଲଙ୍କାର ଗୁଣବତ୍ତା ବୃଦ୍ଧି କରେ। ବର୍ଷାଦିନେ ନିପାଣିଆ ଫସଲ ରୂପେ ଓ ରବି ଋତୁରେ ଜଳସେଚନ ବ୍ୟବସ୍ଥା କରି ସବୁ ସମୟରେ ଚାଷ କରାଯାଇ ପାରିବ।

**କିସମ :** ଲଙ୍କା କିସମକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଛି :

(କ) ମୁକ୍ତ ପରାଗ ସଂଗମ କିସମ (ଖ) ସଙ୍କର କିସମ

**ମୁକ୍ତ ପରାଗ ସଂଗମ କିସମ :** ୧. ପୁଷା ଜ୍ୱାଲା : ଏହି କିସମ ଗଛ ମୁଖ୍ୟତଃ ବାଙ୍ଗରା ଏବଂ ଝଙ୍କାଳିଆ ହୋଇଥାଏ। ଫଳ, ଲମ୍ୱା, ପତଳା, ବଙ୍କାଳିଆ ଓ ଲହୁଣୀ ରଙ୍ଗର ହୋଇଥାଏ। ଏହା ସାଲାଡ ଓ କଞ୍ଚା ଖାଇବା ପାଇଁ ଉପଯୋଗୀ। ୨. ପନ୍ତ ସି-୧ : ଗଛ ଲମ୍ୱା ଏବଂ ସିଧା, ଫଳର ଉପର ଅଂଶ ମସୃଣ, ଅଗ ଆଡକୁ ମୁଣ୍ଡିଆ। ଏହା ବହୁତ ରାଗ ଏବଂ ପତ୍ରମୋଡା ଓ ଭୂତାଣୁଜର୍ନିତ (ମୋଜାଇକ୍) ରୋଗ ପ୍ରତିରୋଧକାରୀ କିସମ। ୩. ପନ୍ତ ସି-୨ : ଫଳଗୁଡିକ ତଳକୁ ଓହଳିଥାଏ, ଏହାର ମଧ୍ୟ ପତ୍ର ମୋଡା ଓ ଭୂତାଣୁଜନିତ ରୋଗ ପ୍ରତିଶୋଧକ ଶକ୍ତି ଥାଏ। ୪. ଆର୍କା ଲୋହିତ : ଫଳ ଘନ ସବୁଜ, ସିଧା, ପାକଲ ହେଲେ ଗାଢ଼ ଲାଲ ରଙ୍ଗ ହୋଇଥାଏ। ଅଧିକ ରାଗ, ଏହା ଶୁଖିଲା ଓ କଞ୍ଚା ଉଭୟ ପାଇଁ ଉପଯୋଗୀ ଅଧିକ ଆର୍ଦ୍ରତା ଏବଂ ସ୍ୱଳ୍ପବୃଷ୍ଟିପାତ ଅଞ୍ଚଳରେ ଭଲ ଚାଷ ହୋଇପାରେ। ୫. କେଏ.-୨ : ଗଛ ବାଙ୍ଗରା, ଅଧିକ ଅମଳକ୍ଷମ, ସ୍ୱଳ୍ପ ସମୟ ଭିତ୍ତିକ ଏବଂ କଞ୍ଚା ଖାଇବା ପାଇଁ ଉପଯୁକ୍ତ। ୬. ପୁଷା ସଦାବହାର : ଗଛ ମଧ୍ୟମ ଧରଣ ଉଚ୍ଚ, ଫଳ ଲମ୍ୱା ଏବଂ ସବୁ ଋତୁରେ ଚାଷ ହୋଇଥାଏ। ୭. ଉତ୍କଳ ଆଭା : ଏହି କିସମର ଗଛ ଡେଙ୍ଗା ଅଧିକ ଅମଳକ୍ଷମ ଏହା ଉଭୟ କଞ୍ଚା ଓ ଶୁଖିଲା ବ୍ୟବହାର ପାଇଁ ଉପଯୋଗୀ। ୮. ଉତ୍କଳ ରଶ୍ମି : ଏହା ଅଧିକ ଅମଳକ୍ଷମ। ଏହା ୧୨୫-୧୩୫ ଦିନରେ ଅମଳ ହୁଏ। ଉତ୍କଳ ରାଗିଣୀ କିସମଟି ମଧ୍ୟ ଅନୁରୂପ ଭାବେ ୧୨୦-୧୩୦ ଦିନର ଓ ମାତ୍ରାଧିକ ଅମଳ ଦେଇଥାଏ।

**ସଙ୍କର କିସମ :** ଏହି କିସମଗୁଡିକ ଅଧିକ ଅମଳକ୍ଷମ। ଏହି କିସମର ଚାଷକୁ ଉପଯୁକ୍ତ ସୁପରିଚାଳନା ଭିତ୍ତିରେ କରିବା ଉଚିତ୍। ଏହି କିସମଗୁଡ଼ିକ ହେଲା - ଜ୍ୟୋତି, ତେଜସ୍ୱିନୀ, ଅଗ୍ନିରେଖା, ରୋଷ୍ନି ଅଗ୍ନିବାଣ ସୂର୍ଯ୍ୟ, ରେଡଷ୍ଟାର, ଇଣ୍ଡମ-୫, ଇଣ୍ଡମ-୬ ଇତ୍ୟାଦି।

**ମଞ୍ଜିର ପରିମାଣ :** ହେକ୍ଟର ପିଛା ୫୦୦ରୁ ୬୦୦ ଗ୍ରାମ ମଞ୍ଜି ତଳି ପ୍ରସ୍ତୁତି ପାଇଁ ଦରକାର ହୋଇଥାଏ। ଯାହାକି ସଙ୍କର ଜାତୀୟ କିସମ ପାଇଁ ହେକ୍ଟର ପିଛା ୨୫୦ରୁ ୩୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ।

**ବିହନ ଓ ବଂଶବିସ୍ତାର :**

ଲଙ୍କା ମଞ୍ଜି ଦ୍ୱାରା ବଂଶ ବିସ୍ତାର କରିଥାଏ। ଏହାର ମଞ୍ଜିରୁ ତଳିଘରାରେ ଚାରା ପ୍ରସ୍ତୁତି କରାଯାଏ। ଏକ ହେକ୍ଟର ଜମିରେ ଲଗାଇବା ପାଇଁ ୬୦୦ରୁ ୭୫୦ ଗ୍ରାମ୍ ବିହନ କିମ୍ବା ୬୨,୦୦୦ରୁ ୬୫,୦୦୦ ତଳି ବା ଚାରା ଆବଶ୍ୟକ। ସଙ୍କର କିସମ ଚାଷ କରୁଥିଲେ ହେକ୍ଟର ପ୍ରତି ୨୫୦ ଗ୍ରାମ୍ ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଲୋଗ୍ରାମ୍ ବିହନ ସହିତ ୩ ଗ୍ରାମ୍ ଥିରାମ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧୦ ଗ୍ରାମ୍ ଟ୍ରାଇକୋଡର୍ମା ମିଶାଇ ବିଶୋଧନ କରାଯାଏ।

**ଚାରା ପ୍ରସ୍ତୁତି :**

ଚାରା ପ୍ରସ୍ତୁତି ପାଇଁ ନିଗିଡା, ଉର୍ବର ଏବଂ ସୂର୍ଯ୍ୟକିରଣ ପଡୁଥିବା ଉଚ୍ଚାସ୍ଥାନ ଆବଶ୍ୟକ। ୧ ମିଟର ଓସାର, ୧୫ ସେଣ୍ଟିମିଟର ଉଚ୍ଚତା ଏବଂ ସୁବିଧା ଅନୁଯାୟୀ ୫ ରୁ ୭ ମିଟର ଲମ୍ବର ତଳି ପଟାଳୀ ପ୍ରସ୍ତୁତ କରି ମାଟିଗୁଣ୍ଡ କରି ଦିଆଯାଏ। ଏକ ହେକ୍ଟର ଜମିରେ ଲଙ୍କା ଚାଷ କରିବା ପାଇଁ ୭୦-୮୦ ବର୍ଗମିଟର ତଳି କିଆରୀ ଆବଶ୍ୟକ। ବିହନ ବୁଣିବାର ୨୫ ରୁ ୩୦ ଦିନ ପୂର୍ବରୁ ଏକ ବର୍ଗ ମିଟର ବିଶିଷ୍ଟ ତଳି କିଆରି ପାଇଁ ୨ ରୁ ୩ କିଲୋଗ୍ରାମ୍ ଖତ ମାଟିରେ ମିଶାଇ ଖରା ଖାଇବା ପାଇଁ ଛାଡି ଦିଆଯାଏ। ହାରାହାରି ବର୍ଗମିଟର ତଳିପଟାଳୀ ପ୍ରତି ୪୦ ଗ୍ରାମ୍ ଏନ୍:ପି:କେ ସାର (୧୫:୧୫:୧୫) ଏବଂ ଏକଗ୍ରାମ୍ କାର୍ବୋଫ୍ୟୁରାନ୍ ଦାନଦାର ପ୍ରୟୋଗ କରି ମାଟିରେ ମିଶାଇ ଦିଆଯାଏ। ଏହାପରେ ୫ ସେଣ୍ଟିମିଟର ବ୍ୟବଧାନରେ ସିଆର କରି ଅଗଭୀର ଭାବରେ ବିଶୋଧିତ ମଞ୍ଜିକୁ ପତଳା କରି ବୁଣି ତା ଉପରେ ହାଲୁକା ମାଟି ଘୋଡାଇ ଦିଆଯାଏ। ଏହା ଉପରେ ନଡା ଦ୍ୱାରା ଛାଦିକରଣ କରି ଜଳସିଞ୍ଚନ କଲେ ୭ ରୁ ୧୦ ଦିନ ଭିତରେ ମଞ୍ଜିରୁ ଗଜା ବାହାରେ। ନଡାକୁ ବାହାର କରି (୦.୫%) ୟୁରିଆ ସହ ୦.୨% ମାନ୍‌କୋଜେବ୍ ମିଶାଇ ପତ୍ରରେ ସ୍ପ୍ରେ କଲେ ଚାରା ଭଲ ବଢିଥାଏ। ୨୫ ରୁ ୩୦ ଦିନର ଚାରାଗୁଡିକର ଚେରକୁ ୧ ଲିଟର ପାଣି ପ୍ରତି ୧୦ ଗ୍ରାମ୍ କାର୍ବୋସଲଫାନ୍ ମିଶ୍ରିତ ଦ୍ରବଣ ୨୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ପରେ ରୋପଣ କଲେ ମୁଖ୍ୟ ଜମିରେ ପ୍ରାୟ ମାସକ ପର୍ଯ୍ୟନ୍ତ ସେଥିରେ ପୋକ ଏବଂ ସୂତ୍ରଜୀବ ଆକ୍ରମଣ ଦେଖାଯାଏ ନାହିଁ। ବର୍ଷାଋତୁରେ ଚାଷ କରିବା ପାଇଁ ଜୁନ୍ ମାସରେ, ଶୀତଋତୁ ପାଇଁ ନଭେମ୍ବର ମାସରେ ମଞ୍ଜି ବୁଣି ତଳି ପ୍ରସ୍ତୁତ କରାଯାଏ। କିନ୍ତୁ ତଳି ରୋଇବାର ୪-

୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରିବା ଉଚିତ୍। ଏହାଦ୍ୱାରା ଗଛ ସଶକ୍ତ ହୋଇ ମାଟିରେ ଦୃଢ଼ ଭାବରେ ବଢ଼ିପାରେ।

**ଜମି ପ୍ରସ୍ତୁତି ଓ ରୋପଣ:-**

ମାଟିକୁ ପ୍ରଥମେ ଗଭୀର ଚାଷ କରିବା ପରେ ୩ ରୁ ୪ ଥର ହଳ କରି ଗୁଣ୍ଡ କରାଯାଏ। ମାଟିରେ ସିଆର କରି ସେହି ସିଆରରେ ଆବଶ୍ୟକୀୟ ଖତ ମିଶାଇ ଦିଆଯାଏ। ବର୍ଷାଦିନେ ଅଧିକ ବର୍ଷା ହେଉଥିବା ଅଞ୍ଚଳରେ ଜଳସେଚନ ପ୍ରତି ଧ୍ୟାନ ଦେଇ ଜମି ସମତୁଲ ନଥିଲେ ହିଡ କରି ଛୋଟ ପଟାଳି କରି ହୁଡାରେ ଗଛ ଲଗାଯାଏ। ସାଧାରଣତଃ ଧାଡିକୁ ଧାଡି ୫୦-୬୦ ସେଣ୍ଟିମଟର ଓ ଗଛକୁ ଗଛ ୩୦-୪୫ ସେଣ୍ଟିମିଟର ଦୂରତାରେ ଗଛ ଲଗାଯାଏ। ଏହି ହିସାବରେ ଡେଙ୍ଗା କିସମ ଲଙ୍କା ଅଧିକ ଦୂରତାରେ ଲଗାଯାଉଥିବା ବେଳେ ଗେଡା ଗଛକୁ କମ୍ ଦୂରତା ଲଗାଯାଏ। ବର୍ଷାଋତୁର ଫସଲ ପାଇଁ ଜୁନ୍-ଜୁଲାଇ ମାସରେ, ଶୀତଋତୁରେ ଫସଲ ପାଇଁ ନଭେମ୍ବର ଡିସେମ୍ବର ଏବଂ ଗ୍ରୀଷ୍ମଋତୁ ପାଇଁ ଜାନୁଆରୀ-ଫେବୃଆରୀ ମାସରେ ଚାରା ରୋପଣ କରିବା ଉଚିତ୍। ତଳି ଲଗାଇବାର ୮ ରୁ ୧୦ ଦିନ ପରେ ମରିଯାଇଥିବା ସ୍ଥାନରେ ନୂଆ ଗଛ ଲଗାଯାଏ। କିନ୍ତୁ ଓଡ଼ିଶାରେ ଜୁନ୍ ମାସରେ କିମ୍ବା ସେପ୍ଟେମ୍ବର ମାସରେ ମଞ୍ଜି ବୁଣି ୩୦ରୁ ୩୫ ଦିନର ତଳି ଜମିରେ ଲଗାଇଲେ ଅଧିକ ଅମଳ ମିଳିଥାଏ।

**ଖତ ଓ ସାର ପ୍ରୟୋଗ :**

ସାଧାରଣତଃ ହେକ୍ଟର ପ୍ରତି ୨୦ ରୁ ୨୫ ଟନ୍ ଗୋବରଖତ, ୭୫ କିଲୋଗ୍ରାମ୍ ଯବକ୍ଷାରଜାନ, ୫୦ କିଲୋଗ୍ରାମ୍ ଫସ୍‌ଫରସ ଓ ୭୫ କିଲୋଗ୍ରାମ୍ ପଟାସ ସାର ଆବଶ୍ୟକ ହୋଇଥାଏ। ଏହି ସାର ପାଇବା ପାଇଁ ହେକ୍ଟର ପିଛା ୧୬୩ କିଲୋଗ୍ରାମ୍ ୟୁରିଆ ୩୧୨ କି.ଗ୍ରା ସିଙ୍ଗଲ୍‌ସୁପର ଫସଫେଟ୍ ଓ ୧୨୫ କି.ଗ୍ରା ମ୍ୟୁରେଟ୍ ଅଫ୍ ପଟାସ ଦରାକର ହୋଇଥାଏ। ତଳି ରୋଇବା ପୂର୍ବରୁ ସିଆରରେ ସମସ୍ତ ଖତ ସହି ୧୫ କି.ଗ୍ରା ଯବକ୍ଷାରଜାନ (୩୨ କି.ଗ୍ରା ୟୁରିଆ), ସମସ୍ତ ଫସଫରସ (୩୧୨ କି.ଗ୍ରା) ଓ ଅର୍ଦ୍ଧେକ ପଟାସ୍ ସାର (୬୨ କି.ଗ୍ରା) ପ୍ରୟୋଗ କରି ମାଟିରେ ମିଶାଇବା ପରେ ଗଛ ଲଗାଯାଇଥାଏ। ଗଛ ଲଗାଇବାର ୨୫ ଦିନ ପରେ କୋଡାଖୁସା କରି ୩୦ କି.ଗ୍ରା ଯବକ୍ଷାରଜାନ (୬୫ କି.ଗ୍ରା ୟୁରିଆ) ସାର ଦେଇ ହୁଡା ଟେକି ଦିଆଯାଏ। ତଳି ଲଗାଇବାର ୪୫ ଦିନ ପରେ ଦ୍ୱିତୀୟଥର କୋଡାଖୁସା କରି ଅବଶିଷ୍ଟ ୩୦ କି.ଗ୍ରା ଯବକ୍ଷାରଜାନ (୬୫ କି.ଗ୍ରା ୟୁରିଆ) ଓ ଅବଶିଷ୍ଟ ପଟାସ୍ ସାର (୬୩ କି.ଗ୍ରା) ଦେଇ ହୁଡା ଟେକି ଦିଆଯାଏ। ଯବକ୍ଷାରଜାନ ସାର ଅଭାବ ଦେଖାଦେଲେ ଗଛ ଗେଡା ହୋଇ ରହେ। ପତ୍ରର ସବୁଜିମା କମିଯାଏ, ପୁରୁଣା ପତ୍ର

ଛୋଟ ହୋଇଯାଏ ଫସଫରସ୍ ସାର ଅଭାବରେ ପତ୍ର ଛୋଟ ହୋଇ ବାଇଗଣୀ, ସବୁଜ ବାଇଗଣୀ, ଇଷତ ସବୁଜ ବର୍ଣ୍ଣର ହୋଇ ପରେ ମାଟିଆ ରଙ୍ଗର ହୋଇଯାଏ। ପଟାସ୍ ସାର ଅଭାବରେ ପତ୍ର ଗୁଡିକ ଜାକିଜୁକି ହୋଇଯାଏ ଏବଂ ପତ୍ର ଉପରେ ଛୋଟ ଛୋଟ ଧଳାଦାଗ ଦେଖାଯାଏ। ଜଳସେଚନର ସୁବିଧା ଥିଲେ ଯବକ୍ଷାରଜାନ ସାରକୁ ୩ ରୁ ୪ ଭାଗ କରି ପ୍ରୟୋଗ କରାଯାଇପାରେ। ଯବକ୍ଷାରଜାନ ସାରର ୪ ଭାଗରୁ ୩ ଭାଗ ରାସାୟନିକ ସାର ହିସାବରେ ଏବଂ ୧ ଭାଗ ଜିଆ ଖତ ହିସାବରେ ମିଶାଇ ପ୍ରୟୋଗ କଲେ ଗଛ ଅଧିକ ହୃଷ୍ଟପୁଷ୍ଟ ହୋଇ ବଢେ ଏବଂ ଅଧିକ ଅମଳ ହୋଇଥାଏ। ଏହା ବ୍ୟତୀତ ମିଶ୍ରିତ ଅଣୁସାର ଏକର ପ୍ରତି ୧୦ କି.ଗ୍ରା ପ୍ରୟୋଗ କରିବା ଉଚିତ୍।

**ଜଳସେଚନ :** ଚାରା ଜମିରେ ଲଗାଇବା ପରେ ସିଞ୍ଚା ଜଳସେଚନ କରାଯାଏ। ଏହାପରେ ମାଟିର ବତର ଦେଖି ଜଳସେଚନ କରାଯାଏ। ଶୀତ ଋତୁରେ ପ୍ରତି ସପ୍ତାହ ଏବଂ ଗ୍ରୀଷ୍ମଋତୁରେ ୪-୫ ଦିନ ଅନ୍ତରରେ ଜଳସେଚନ କରିବା ଉଚିତ୍। ଫୁଲ ଓ ଫଳ ଆସିବା ସମୟରେ ଜଳାଭାବ ଦେଖାଗଲେ ଫୁଲ ଓ କଷି ଝଡିପଡେ। ଏଥିପ୍ରତି ଦୃଷ୍ଟିଦେବା ଉଚିତ୍। ମାଟି ଉପରେ ଶୁଖିଲା ପତ୍ର, ନଡା ବା ପଲିଥିନ୍ ଦ୍ୱାରା ଛାଦିକରଣ କରିଲେ ମାଟିର ବତର ରହିବା ଜଳସେଚନର ଆବଶ୍ୟକତା କମିଯିବ। ଅଏତବ ମାଟିର ଆର୍ଦ୍ରତା ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ଜଳସେଚନ କରିବାକୁ ପଡିଥାଏ। ନଚେତ୍ ପାଣି ଅଭାବରୁ ଗଛ ଶୁଖିବା ଓ ହଠାତ୍ ମାତ୍ରାଧିକ ଜଳସେଚନ କରିବା ଦ୍ୱାରା ଗଛ ଉପରେ ଚାପ ପଡି କାଣ୍ଡ ଓ ଫଳ ଫାଟିଯାଏ। ଏସବୁ ସମସ୍ୟାକୁ ଦୂର କରିବା ସହିତ ଜଳର ସଦୁପଯୋଗ ପାଇଁ ଆଜିକାଲି ଅଣୁ ଜଳସେଚନ ଯେପରିକି ସିଞ୍ଚନ ବୁନ୍ଦା ଓ ପୁଷ୍ଟି ଜଳସେଚନର ବ୍ୟବହାର କରାଯାଇ ଗୁଣାତ୍ମକ ଉତ୍ପାଦନ ବୃଦ୍ଧି ପାଇପାରୁଛି।

**ପରବର୍ତ୍ତୀ ଯତ୍ନ :** ଦୁଇରୁ ତିନିଥର ଘାସ ଓ ଅନାବନା ଗଛ ବାଛି କୋଡା ଖୁସା କରି ହୁଡା ଟେକି ଦେଲେ ଘାସ ନିୟନ୍ତ୍ରଣ ହେବା ସହ ଗଛ ସୁସ୍ଥ ସବଳ ହୋଇ ବଢେ।

ଗଛ ଲଗାଇବାର ୨୫ ଦିନ ପରେ ରାସାୟନିକ ତୃଣନାଶକ ଭାବରେ କୁଇଜଲପପଇଥାଇଲି ହେକ୍ଟର ପ୍ରତି ୧ ଲିଟର ଘାସ ଉପରେ ସିଞ୍ଚନ କରିବା ସହ ୨୦ ଦିନ ପରେ ଥରେ ହାତରେ ଘାସ ବାଛିବା ଦ୍ୱାରା କମ୍ ଶ୍ରମିକ ଆବଶ୍ୟକ ହୋଇଥାନ୍ତି।

ଲଙ୍କା ଗଛରେ ଫୁଲ ଆସିବା ସମୟରେ ୫୦ ପିପିଏମ୍ ନାପଥାଲିନ୍ ଏସିଟିକ୍ ଏସିଡ୍ (ଏନ୍.ଏ.ଏ) କିମ୍ବା ୪୦୦ ପି.ପି.ଏମ୍ ଇଥ୍ରେଲ୍ ଗଛରେ ସିଞ୍ଚନ କଲେ ଫୁଲ ଝଡିବା ବନ୍ଦ ହୋଇ ଅମଳ ବୃଦ୍ଧି ପାଇଥାଏ।

**ରୋଗ ପରିଚାଳନା :**

ଲଙ୍କା ଗଛରେ ମୁଖ୍ୟତଃ ଝାଉଁଳା, ଫଳସଢା, ଅଗମରା, ପତ୍ରମୋଡା ରୋଗ ଦେଖାଯାଏ।

**ଝାଉଁଳା ରୋଗ :**

**(କ) କବକ ଜନିତ ଝାଉଁଳା ରୋଗ :** - ଏହି ରୋଗ ଏକ ମୃତ୍ତିକାବାହୀ କବକ ଜନିତ ରୋଗ। ଗଛର ତଳପତ୍ର ଗୁଡିକ ପ୍ରଥମେ ହଳଦିଆ ବା ଫିକା ସବୁଜ ହୋଇଥାଏ ଓ ଏହା ଉପର ଆଡକୁ କ୍ରମାଗତ ମାଡେ। ମାଟିର ଠିକ୍ ଉପର ଅଂଶରେ ଥିବା ଗଛର କାଣ୍ଡ କଳା ପଡିଯାଏ, ସେହି ଅଂଶର କାଣ୍ଡର ଚୋପା ସଢ଼ିଯାଏ ଏବଂ କାଣ୍ଡଟି ସରୁ ହୋଇଯାଏ ଏବଂ ପଚାଗନ୍ଧ ବାହାରେ। ଗଛ ଓପାଡି ଦେଖିଲେ ମୂଳ ଅଂଶରେ ଧଳା ଧଳା ସୂତା ପରି କବକ ଜାଲ କିମ୍ବା ଧଳା ରଙ୍ଗର ସୋରିଷ ଦାନା ପରି ଫିମ୍ପି ଦେଖିବାକୁ ମିଳେ। କମ୍ ଉଷ୍ମତା ଓ ଆର୍ଦ୍ର ଜଳବାୟୁ ଏବଂ ମାଟି ସନ୍ତସନ୍ତିଆ ରହିଲେ ଏହି ଫିମ୍ପି ଜନିତ ଝାଉଁଳା ରୋଗ ବେଶୀ ବ୍ୟାପେ। ଏହି ରୋଗ ହେଲେ ଗଛ ଆସ୍ତେ ଆସ୍ତେ ଝାଉଁଳି ପ୍ରାୟ ୫-୬ ଦିନ ମଧ୍ୟରେ ମରିଯାଏ। ଏହାର ନିରାକରଣ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ୭୦୦ ଗ୍ରାମ୍ ମେଟାଲିକ୍ସିଲ୍ ଓ ମାନକୋଜେବ୍ ପ୍ରୟୋଗ କରିବାକୁ ପଡିଥାଏ।

**(ଖ) ଜୀବାଣୁ ଜନିତ ଝାଉଁଳା ରୋଗ :** - ଏହା ଏକ ମୃତ୍ତିକାବାହୀ ଜୀବାଣୁ ଜନିତ ରୋଗ। ଖରିଫ ଋତୁରେ ନାଲି ଓ ଅମ୍ଳଯୁକ୍ତ ମାଟିରେ ଏହି ରୋଗର ପ୍ରାଦୁର୍ଭାବ ବେଶୀ ରହିଥାଏ। ଗଛ ଗୁଡିକ ପ୍ରାଥମିକ ଅବସ୍ଥାରେ ଦିନରେ ଝାଉଁଳି ପଡନ୍ତି ରାତିରେ ପୁଣି ପୂର୍ବାବସ୍ଥାକୁ ଫେରି ଆସନ୍ତି। ପରେ ସମ୍ପୂର୍ଣ୍ଣ ଭାବେ ଝାଉଁଳି ମରିଯାଆନ୍ତି। ଅକ୍ରାନ୍ତ ଗଛର ମାଟି ଉପର କାଣ୍ଡ ଓ ଚେରର ଉପର ଚୋପା ସାମାନ୍ୟ କଳା ପଡି ପଚିଯାଏ ଏବଂ ମଛ ମୂଳ ପାଖର କାଣ୍ଡ ଚିରିଦେଲେ ଭିତର ଶସ ଅଂଶ କଳା ବାଦାମୀ ରଙ୍ଗର ଦେଖାଯାଏ ଏବଂ ଏଥିରୁ ଜୀବାଣୁ ଶ୍ରାବ ବାହାରେ। ଏହାର ନିରାକରଣ ପାଇଁ ରୋଗ ପ୍ରତିରୋଧ କାରି କିସମ ଯଥା ଉତ୍କଳ ଆଭା ଓ ଉତ୍କଳ ରଶ୍ମି ଲଗାଇବା ସହିତ ଚାରା ଗୁଡିକୁ ଷ୍ଟ୍ରେପ୍ଟୋସାଇକ୍ଲିନ୍ (୨୫ ପିପିଏମ୍) ୨.୫ ମିଲି/ଗ୍ରା ଲିଟର ପ୍ରତି ଦ୍ରବଣରେ ୨୦ ମିନିଟ୍ ପର୍ଯ୍ୟନ୍ତ ଶୋଧନ କରିବା ଉଚିତ୍।

**(ଗ) ସୂତ୍ରଜୀବ ଜନିତ ଝାଉଁଳା ରୋଗ :** - ଏହି ପ୍ରକାରର ଝାଉଁଳା ରୋଗ ସୂତ୍ରଜୀବ ମାନଙ୍କ ଆକ୍ରମଣ ଯୋଗୁଁ ହୋଇଥାଏ। ପ୍ରଥମ ଅବସ୍ଥାରେ ଗଛ ଭଲ ଭାବେ ବଢ଼େ ନାହିଁ, ଗେଡା ହୋଇଯାଏ। ଗଛ ଉପାଡି ଚେରକୁ ଭଲ ଭାବରେ ଦେଖିଲେ

ଚେରରେ ଲୋମ ଦେଖାଯାଏ ନାହିଁ। ବରଂ ଲୋମ ଜାଗାରେ ଛୋଟ ଛୋଟ ଗଣ୍ଠି ଦେଖାଯାଏ। ଏହି ଆକ୍ରାନ୍ତ ଚେର ଗୁଡିକ ମାଟି ମଧ୍ୟରୁ ଖାଦ୍ୟସାର ଶୋଷଣ କରିପାରନ୍ତି ନାହିଁ ଫଳରେ ଗଛ ଗୁଡିକ ହଳଦିଆ ପଡି, ଶୁଖି ଝାଉଁଳି ମରିଯାଆନ୍ତି। ଏହାଛଡା ଆକ୍ରାନ୍ତ ଚେରର କ୍ଷତ ଦେଇ ଅଣୁଜୀବ ମାନେ ଗଛ ମଧ୍ୟକୁ ପ୍ରବେଶ କରି ଝାଉଁଳା ରୋଗ ସୃଷ୍ଟି କରିଥାନ୍ତି। ଗଛ, ଫୁଲ ଓ ଫଳ ଧରିଆସୁଥିବା ଅବସ୍ଥାରେ ଏହି ରୋଗ ବେଶୀ ମାତ୍ରାରେ ଦେଖାଯାଇଥାଏ। ଏହାର ନିରାକରଣ ପାଇଁ ମଞ୍ଜି ଓ ମୃତ୍ତିକା ବିଶୋଧନ କରିବା ସହିତ କରଞ୍ଜ ଓ ଲିମ୍ବ ପିଡିଆ ପ୍ରୟୋଗ ତଥା ଜଳନିଷ୍କାସନ କରିବା ଉଚିତ୍।



**ଜଉପୋକ :** ଲଙ୍କା ଫସଲରେ ଏହି ପୋକ ପରମ ଶତ୍ରୁ। ଯାହାକି ଗଛର ପତ୍ର ଓ ଡେମ୍ଫରୁ ରସ ଶୋଷି ନିଏ। ଏହାର ନିରାକରଣ ପାଇଁ ଚାରା ଲଗାଇବାର ୩୦ ଦିନ ମଧ୍ୟରେ ଏମିଡା କ୍ଲୋପିଡ୍ ୧୨୦ ମି.ଲି. ଅଥବା ଏସିଟାମିପ୍ରିଡ୍ ହେକ୍ଟର ପ୍ରତି ୧୨୦ ଗ୍ରାମ୍ ପ୍ରୟୋଗ କରିବା ଉଚିତ୍।

**ଅଷ୍ଟପଦୀ ପୋକ :** ଏହି ପୋକ ପତ୍ରର କୋଷରୁ ରସ ଶୋଷିପକାଏ ତଥା ଗଛକୁ ଦୁର୍ବଳ କରିଦିଏ। ଏହାଦ୍ୱାରା ମଧ୍ୟ ପତ୍ରମୋଡା ଭୂତାଣୁ ରୋଗର ଲକ୍ଷଣ ଦେଖାଯାଏ। ଏହାକୁ ଦମନ କରିବାକୁ ହେଲେ ଡାଇକୋଫଲକୁ ୨.୫ମିଲି. ପ୍ରତି ଲିଟର କିମ୍ବା ସଲଫର ୫୦ ଡବ୍ଲୁପି ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ୧୫ ଦିନ ବ୍ୟବଧାନରେ ସିଞ୍ଚନ କରାଯିବା ଉଚିତ୍।

**ପତ୍ରମୋଡା ରୋଗ :** ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଉଲ୍କୁଣୀ ଓ ଅଷ୍ଟପଦୀ ପୋକଦ୍ୱାରା ମାଡିଥାଏ। ଏହାଦ୍ୱାରା ପତ୍ରମୋଡା ଲକ୍ଷଣ ପ୍ରକାଶ ପାଏ। ଗଛ ସରୁ ହୋଇଥାଏ·ରୋଗର ତୀବ୍ରତା ବେଶୀ ହେଲେ ଗଛ ଫୁଲ ଓ ଫଳ ଧରିବା ଶକ୍ତି ହରାଇଥାଏ। ରୋଗ ସଂକ୍ରମିତ ଗଛକୁ ମୂଳରୁ ଓପାଡି ପୋଡିବା ଦ୍ୱାରା ରୋଗ ବୃଦ୍ଧିକୁ ରୋକି ହୁଏ। ଏହାଛଡ଼ା ଉକୁଣୀ ଓ ଅଷ୍ଟପଦୀକୁ  ଦମନ କରିବା ଉଚିତ୍।

**ଫଳସଢ଼ା :** ଫଳ ପାଚିବା ଆରମ୍ଭରୁ ହିଁ ଏହି ରୋଗ ଆରମ୍ଭ ହୁଏ। ଏହି ରୋଗର ଲକ୍ଷଣ ହେଉଛି ଫଳରେ ଛୋଟ ଛୋଟ କଳାଦାଗ ଧିରେ ଧିରେ ବୃଦ୍ଧି ପାଇ ଗୋଲ ଆକାର ଧାରଣ କରେ ଓ ଅପରିପକ୍ୱ ଫଳ ଝଡି ପଡେ ତଥା ଅମଳ

ହ୍ରାସ ପାଇଥାଏ । ରୋଗର ତୀବ୍ରତା ବେଶୀ ହେଲେ ଗଛ ଅଗଆଡ଼ୁ ତଳ ଆଡକୁ ଶୁଖିଆସେ । ଏହି ରୋଗକୁ ଦମନ କରିବାକୁ ହେଲେ ତଳି କିଆରୀରେ ୨-୩ ଥର ବ୍ଲାଇଟକ୍ସ ୫୦ କିମ୍ବା ବାଭିଷ୍ଟିନ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚନ କରାଯିବା ଉଚିତ୍ ।




**ମୂଳସଢ଼ା :** ଏହି ରୋଗ ତଳି କିଆରୀରେ ଦେଖାଯାଏ । ଏହି ରୋଗ ଦ୍ୱାରା ମୂଳ ସଢ଼ିଯାଏ ତଥା ଏହି ରୋଗ ଅଧିକ ମାତ୍ରାରେ ଦେଖାଗଲେ ଉକ୍ତ କିଆରୀରେ ମଞ୍ଜି ବୁଣିବା ବନ୍ଦ କରିଦେବା ଉଚିତ୍ । ଏହି ରୋଗକୁ ଦମନ କରିବାକୁ ହେଲେ ୧-୨ ଥର ବ୍ଲାଇଟକ୍ସ ୫୦ ୩ ଗ୍ରାମ୍ ପ୍ରତିଲିଟର ପାଣିରେ ମିଶାଇ ତଳି କିଆରୀ ପ୍ରସ୍ତୁତି ସମୟରେ ସିଞ୍ଚନ କରିବା ଉଚିତ୍ ।

**ଥ୍ରୀପସ୍ :** ଏହି ପୋକ ପତ୍ର ତଳ ପାଖକୁ ଆଞ୍ଚୁଡି ରସ ଶୋଷି ଖାଇଯାଏ । ପତ୍ର ମୋଡି ହୋଇ ଧଳାମିଶା ହଳଦିଆ ପଡିଯାଏ, ପରେ ଗଛ ସମ୍ପୂର୍ଣ୍ଣ ଶୁଖିଯାଏ । ଏହାଦ୍ୱାରା ୨୫-୩୦% ଅମଳ କମିଯାଏ । ଏହାର ନିରାକରଣ ପାଇଁ ଚାରା ଲଗାଇବାର ୩୦ ଦିନ ମଧ୍ୟରେ ଏମିଡା କ୍ଲୋପିଡ୍ ୧୨୦ ମି.ଲି. ଅଥବା ଏସିଟାମିପ୍ରିଡ୍ ହେକ୍ଟର ପ୍ରତି ୧୨୦ ଗ୍ରାମ୍ ପ୍ରୟୋଗ କରିବା ଉଚିତ୍ ।





**ଅଗମରା ଓ ଆନ୍ଥ୍ରାକ୍ନୋଜ ରୋଗ:** ଏହି ରୋଗ ହେଲେ ଗଛର ଡାଳ ଝାଉଁଳି ଶୁଖିଯାଏ । ଡାଳରେ ଓ ଫଳରେ କଳାପଚା ଦାଗ ଉପରେ ଗୋଲାପି ବିନ୍ଦୁ ବିନ୍ଦୁ ପଡିଥିବାର ଦେଖାଯାଏ ଓ ଗଛ ଥୁଣ୍ଟା ହୋଇଯାଏ । ଏହାର ନିରାକରଣ ପାଇଁ ମଞ୍ଜି ବିଶୋଧନ ସହିତ ୨-୩ ଥର ବ୍ଲାଇଟକ୍ସ ୫୦ କିମ୍ବା ବାଭିଷ୍ଟିନ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚନ କରାଯିବା ଉଚିତ୍ ।



**ଧଳାମାଛି :** ଧଳାମାଛି ପତ୍ରରୁ ରସ ଶୋଷିବା ଦ୍ୱାରା ଗଛ ତେଜହୀନ ହେବା ସହିତ ପତ୍ରମୋଡା ରୋଗ ହୋଇଥାଏ । ଫୁଲ ଫଳ ଝଡିପଡେ । ଏକର ପ୍ରତି ୩୦୦ ମିଲିମିଟର ମିଥାଇଲ୍ ଡିମିଟେନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଉଚିତ୍ କିମ୍ବା ହେକ୍ଟର ପ୍ରତି ଇମିଡୋକ୍ଲୋପ୍ରିଡ୍ ୧୭.୮

ଏସ୍‌ଏଲ ୫୦ ମି.ଲି. ସହ କାର୍ବେଣ୍ଡାଜିମ୍ ୫୦୦ ଗ୍ରାମ୍ ମିଶାଇ ଗଛ ଏବଂ ଏହାର ମୂଳକୁ ୧୫ ଦିନ ଅନ୍ତରରେ ୨ ଥର ସିଞ୍ଚନ କରିବା ଉଚିତ୍।

**ଅମଳ :** ଚାରା ଲଗାଇବାର ୪୫ ରୁ ୬୦ ଦିନ ପରେ ଫୁଲ ଫୁଟିଥାଏ। ଏହାର ମାସକ ପରେ କଞ୍ଚାଲଙ୍କା ଅମଳ ଆରମ୍ଭ ହୁଏ। କଞ୍ଚା ଲଙ୍କା ପାଇଁ ଫଳ ପାକଳ ହେଲେ ୬ ରୁ ୭ ଦିନ ଅନ୍ତରରେ ତୋଳା ଯାଇଥାଏ। ପାଚିଲା ଲଙ୍କା ଚାରା ରୋପଣର ୧୨୦ ଦିନ ପରଠାରୁ ପାଚିଲା ଲାଲ୍ ଅବସ୍ଥାରେ ଅମଳ କରାଯାଏ। ହେକ୍ଟର ପିଛା ୭୫ ରୁ ୧୦୦ କ୍ୱିଣ୍ଟାଲ କଞ୍ଚାଲଙ୍କା ଏବଂ ୨୦ ରୁ ୨୫ କ୍ୱିଣ୍ଟାଲ ଶୁଖିଲା ଲଙ୍କା ଅମଳ ହୋଇଥାଏ। ଜଳସେଚିତ ଜମିରେ ଚାଷ ହେଉଥିବା ଲଙ୍କା ତୁଳନାରେ ଅଣଜଳସେଚିତ ଚାଷରୁ ଶତକଡା ୪୦ ରୁ ୫୦ ଭାଗ କମ୍ ଅମଳ ମିଳିଥାଏ।

**ବିହନ ଉତ୍ପାଦନ**

ବିହନ ପାଇଁ ଚାଷ କରିବା ସମୟରେ ଦୁଇଟି କିସମ ମଧ୍ୟରେ ୨୦୦ ମିଟର ବିଲଗନ ଦୂରତା ରଖିବା ଉଚିତ୍। ଭଲଭାବେ ପାଚିଥିବା ଓ ଶୁଖିଥିବା ଲଙ୍କାରୁ ମଞ୍ଜି ସଂଗ୍ରହ କରାଯାଏ। ଶୁଖିଲା ଲଙ୍କାରୁ ଶତକଡା ୨୫ ଭାଗ ମଞ୍ଜି ଅମଳ ମିଳିଥାଏ। ଏକ କିଲୋଗ୍ରାମ୍ ଶୁଖିଲା ଲଙ୍କାରୁ ପ୍ରାୟ ୨୫୦-୩୦୦ ଗ୍ରାମ୍ ବିହନ ଉତ୍ପାଦନ ହୋଇଥାଏ। ଏବଂ ୧ ହେକ୍ଟର ଜମିରୁ ୫୦୦ରୁ ୫୫୦ କି.ଗ୍ରା. ମଞ୍ଜି ମିଳିଥାଏ। ମଞ୍ଜିକୁ ଭଲଭାବେ ଶୁଖାଇ କି.ଗ୍ରା ପ୍ରତି ୨ ଗ୍ରାମ୍ ଥିରାମ ଗୋଳାଇ ସାଇତି ରଖିଲେ ଅନେକ ଦିନ ପର୍ଯ୍ୟନ୍ତ ମଞ୍ଜି ସାଇତି ରଖିହେବ।

ଅତଏବ ଉପର ବର୍ଣ୍ଣିତ ସମସ୍ତ ବୈଷୟିକ ଦିଗ ପ୍ରତି ଦୃଷ୍ଟି ଦିଆଯାଇପାରିଲେ ଆମ ଜିଲ୍ଲାରେ ମଧ୍ୟ ଲଙ୍କା ଚାଷରେ ଆଶାନୁରୂପକ ଉତ୍ପାଦନ ବୃଦ୍ଧି ହୋଇପାରିବ।







ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ ( ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬
Email : kvkgajapati.ouat@gmail.com